# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶନିବାର, ମାର୍ଚ୍ଚ ୧୩/୨୦୨୧ (୧୬ ପୃଷ୍ଠା) | Berhampur, Saturday, March 13/2021 | ★★★

୧୬ଶ ଭାଗ ୩୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-






GRAND OPENING TODAY

INAUGURATION BY



**Sabyasachi Mishra**
(Indian Film Actor)

**SPECIAL PRIVILEGES FOR WEDDING PURCHASES**

Book your jewellery by paying minimum **10%** onwards in advance and get the jewellery at the booked rate or prevailing rate whichever is lower.

ONE INDIA ONE GOLD RATE

BUY GOLD AT ONE BEST RATE ACROSS INDIA!

MALABAR
**FAIR PRICE PROMISE**

Beautiful designs crafted in impeccable quality gold at very reasonable making charges

## MALABAR PROMISE

**COMPLETE TRANSPARENCY**
Detailed invoice and price tag.

**ASSURED LIFETIME FREE MAINTENANCE**
From all our 260+ showrooms across 10 countries.

**ZERO-DEDUCTION GOLD EXCHANGE**
100% value, without any deductions, when you exchange 22K gold with us.

**100% BIS 916 HALLMARKED GOLD**
All our gold jewellery holds BIS 916 hallmark certification, a guarantee of purity.

**TESTED & CERTIFIED DIAMONDS**
Every diamond passes through 28 internal quality tests with IGI- GIA certification.

**GUARANTEED BUYBACK**
Buyback guarantee for all gold and diamond jewellery.

**COMPLIMENTARY JEWELLERY INSURANCE**
Assured insurance for 1 year against any loss by burglary, fire and extortion.

**FAIR PRICE POLICY**
Reasonable making charges for all jewellery which assures best value for purchase.

**RESPONSIBLY SOURCED PRODUCTS**
Sourced in a responsible manner to protect the environment and stakeholders for it to be truly auspicious.

**FAIR LABOUR PRACTICES**
Fair wages, benefits and working conditions for karigars

*Conditions apply

**RUPALI SQUARE, SAHEED NAGAR, BHUBANESWAR.TEL: 8008655916**

INDIA I USA I SINGAPORE I MALAYSIA I UAE I QATAR I KSA I OMAN I KUWAIT I BAHRAIN

**ବେଆଇନ ପଥର ଖନନ କରି ୨ ଗିରଫ**

**ପୋଲସରା:** (ଡି.ଏନ.ଏ.)-ପୋଲସରା ତହସିଲ କଳମ୍ବ ଓ ଜକର ମଧ୍ୟରେ ଥିବା ପାହାଡରୁ ବେଆଇନ ପଥର ଖନନ କରିବା ଅଭିଯୋଗରେ ବାଲିଛାଇ ଫାଣ୍ଡି ପୋଲିସ ୨ ଜଣଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସରସିଙ୍ଗ ଗ୍ରାମର ଗଣେଶ ପୋଲାଇ,ଖଣ୍ଡୁରୁ ଗ୍ରାମର ରବିନାରାୟଣ ସାହୁ। ୮ ତାରିଖରେ ମଠ ଗଣେଶ ଓ ଗତ ୧୧ ତାରିଖରେ ରବିନାରାୟଣ ଜକର ଓ କଳମ୍ବ ମଧ୍ୟରେ ଥିବା ବେଆଇନ୍ ପଥର ଖନନ କରିବା ବେଳେ ଧରାପଡ଼ିଥିଲେ।

## ସଂକ୍ଷେପରେ

### ଅବ୍ୟବସ୍ଥାରେ ନିରାମୟ କେନ୍ଦ୍ର

କାଶୀନଗର,୧୨।୩(ଡି.ଏନ୍.ଏ.)- କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଔଷଧ ବିତରଣ କେନ୍ଦ୍ର (ନିରାମୟ)ରେ ଥିବା ବଟିକା ଗରମ ଯୋଗୁ ତରଳି ଯାଉଛି। ଏହାକୁ ରୋଗୀମାନଙ୍କୁ ଦିଆଯାଉଥିବା ଅଭିଯୋଗ ହୋଇଛି। ନିରାମୟ କେନ୍ଦ୍ରରେ ଫ୍ରିଜ୍ ନଥିବା ବେଳେ ଫ୍ୟାନ ମଧ ନାହିଁ। ଫଳରେ ଅଧିକ ଗରମ ହେବାରୁ ଔଷଧ ଗୁଡିକ ତରଳି ନଷ୍ଟ ହୋଇଯାଉଛି। ଜଣେ ରୋଗୀଙ୍କୁ ଦିଆଯାଇଥିବା ଔଷଧ ଷ୍ଟ୍ରିପରୁ ତରଳି ଯାଇଥିବା ବଟିକା କାଢ଼ି ସ୍ଥାନୀୟ ଲୋକ ଗଣମାଧ୍ୟମକୁ ଦେଖାଇଛନ୍ତି। ପ୍ରକାଶଯୋଗ୍ୟ, ଗତ ୯ ତାରିଖରେ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତିର ବୈଠକ ହୋଇଥିଲା। ଏଥିରେ ନିରାମୟ କେନ୍ଦ୍ରର ଥିବା ସମସ୍ୟାର ସମାଧାନ ପାଇଁ କୌଣସି ନିଷ୍ପତ୍ତି ନିଆଗଲା ନାହିଁ।

### ଅନାଥ ଶିଶୁଙ୍କୁ ଥଇଥାନ ସମ୍ପର୍କିତ ତାଲିମ ଶିବିର

ଦିଗପହଣ୍ଡି,୧୨।୩(ଡି.ଏନ.ଏ.)- ଦିଗପହଣ୍ଡି ସ୍ଥିତ ଘୋଡାହାଡ ଜଳଶୀର୍ଷ କମିଟି ସଭାଗୃହରେ ଶୁକ୍ରବାର ଅନାଥ ଶିଶୁଙ୍କୁ ସମାଜରେ ମୁଖ୍ୟ ସ୍ରୋତକୁ ଆଣିବା, ସେମାନଙ୍କୁ ଧନ୍ଦାମୂଳକ ତାଲିମ ଦେଇ ଆର୍ଥିକ ସ୍ୱାବଲମ୍ବି କରିବା ଲକ୍ଷ୍ୟରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଶିଶୁ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ଶିଶୁ ମଙ୍ଗଳ ସମିତିର ବିଶେଷଜ୍ଞ ସଭ୍ୟ ଡଃ.ଶ୍ୟାମାକାନ୍ତ ଜେନା ଯୋଗଦେଇ ବ୍ଲକର ୨୫ ପଞ୍ଚାୟତରୁ ଆସିଥିବା ୭୯ ଅନାଥ ଶିଶୁମାନଙ୍କ ଥଇଥାନ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଶିବ ପ୍ରସାଦ ରଥ ପରିଚାଳନା କରିଥିବା ବେଳେ ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ, ଅରୁଣା ସ୍ୱେଚ୍ଛାସେବୀ ସଙ୍ଗଠନର ଦେବୀଦତ୍ତ ରଥ, ସଞ୍ଜୁଲତା ପାଣିଗ୍ରାହୀ ପ୍ରମୁଖ ସହାୟତା କରିଥିଲେ।

### ଭଲିବଲ ଟୁର୍ଣ୍ଣାମେଣ୍ଟ, ବ୍ରହ୍ମପୁର ପାୱାର ସିକ୍ସ ଚାମ୍ପିୟନ

ବୁଗୁଡ଼ା,୧୨।୩(ଡି.ଏନ.ଏ.)- ବୁଗୁଡ଼ା ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମରେ ଆୟୋଜିତ ଶିବ ପ୍ରସାଦ ଦାଶ ମେମୋରିଆଲ୍ ଭଲିବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ମୋହନା ଦଳକୁ ୨-୦ ସେଟରେ ହରାଇ ବ୍ରହ୍ମପୁରର ପାୱାର ସିକ୍ସ ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ପ୍ରସାଦି ତୋଷ୍ ରେଫେରି ଦାୟିତ୍ୱ ତୁଲାଇଥିଲେ। ଟୁର୍ଣ୍ଣାମେଣ୍ଟ କମିଟି ସମ୍ପାଦକ ହର ପ୍ରସାଦ ଦାଶଙ୍କ ତତ୍ତ୍ୱାବଧାନରେ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅଧିବକ୍ତା ଜଗନ୍ନାଥ ମିଶ୍ର ଯୋଗ ଦେଇଥିଲେ। ଚାମ୍ପିୟନକୁ ଟ୍ରଫି ସହ ପୁରସ୍କାର ରାଶି ଏବଂ ଉପବିଜେତାକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଭଲିବଲ୍ ଖେଳାଳି ବନମାଳୀ ଜେନା, ଶରତ ଚନ୍ଦ୍ର ପଟ୍ଟନାୟକ, ବିଜୟ କୁମାର ଦାଶ, ମଦନ ମୋହନ ବିଷୋୟୀ ଓ ପ୍ରସନ୍ନ କୁମାର ପ୍ରମୁଖଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

### ଟେନିସ ଟୁର୍ଣ୍ଣାମେଣ୍ଟ, ଜୟ ଶ୍ରୀରାମ ଚାମ୍ପିୟନ

ଗଞ୍ଜାମ,୧୨।୩(ଡି.ଏନ.ଏ.)-ଗଞ୍ଜାମ ସାନ ବଜାର ବାଲିସାହି ପଡିଆରେ ମା ବୁଢ଼ୀ ଠାକୁରାଣୀ ଦିନିକିଆ ଟେନିସ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବାଘା ଦଳ ସହ ପୁଇଁତୋଳା ଜୟ ଶ୍ରୀରାମ ଟିମ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପାଞ୍ଚ ସେଟରୁ ତିନୋଟି ସେଟରେ ଜୟ ଶ୍ରୀରାମ ଟିମ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସନାତନ ବେହେରା, ମୁଖ୍ୟବକ୍ତା ଶବର କୁମାର ତରାଇ, ସମ୍ମାନିତ ଅତିଥି କାମେଶ୍ୱର ସାହୁ, ମନୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପୁରସ୍କୃତ କରିଥିଲେ। ପ୍ରେସ କ୍ଲବ ସମ୍ପାଦକ ବିଦ୍ୟାଧର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜଗବନ୍ଧୁ ବାରିକ, ବାପି, ବିକାଶ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

### କୃଷି ସଚେତନତା ରଥ

ଗୁମ୍ମା,୧୨।୩-ଗୁମା ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ଶୁକ୍ରବାର କୃଷି ସମ୍ପର୍କିତ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏଥିରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗଜେନ୍ଦ୍ର ଗମାଙ୍ଗ, ବିଡିଓ ନଟବର ଗରଡ଼ା, ବ୍ଲକ ଉପାଧ୍ୟକ୍ଷ ଗୀତାଞ୍ଜଳୀ ଭୂୟାଁ, ଜିଲା ପରିଷଦ ହିମାଂଶୁ ଲିମାଙ୍କ ସମେତ କୃଷି ବିଭାଗର ସମସ୍ତ କର୍ମଚାରୀ ଯୋଗଦେଇ ସବୁଜ ପତକା ଦେଖାଇ ରଥ ଶୁଭାରମ୍ଭ କରିଥିଲେ। ଡାକବାଜି ଯନ୍ତ୍ର ସହ ପଥପ୍ରାନ୍ତ ନାଟକ ମାଧ୍ୟମରେ କୃଷକଙ୍କୁ ସଚେତନ କରାଯିବ। ଏହି ରଥ ୪ଦିନ ପର୍ଯ୍ୟନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତ ପରିକ୍ରମା କରିବ।

# ତାରାତାରିଣୀ ଯାତ୍ରା ପୂର୍ବରୁ ସେବାୟତଙ୍କ କୋଭିଡ୍ ଟେଷ୍ଟ

**ଛତ୍ରପୁର,୧୨।୩(ଡି.ଏନ.ଏ.)**

ମା' ତାରାତାରିଣୀଙ୍କ କୃପାରୁ ଜିଲା ଏବେ କରୋନା କବଳରୁ ଭଲ ସ୍ଥିତିରେ ପହଞ୍ଚିଛି ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁକ୍ରବାର କହିଛନ୍ତି। ଗତବର ଭଳି କୋଭିଡ୍ କଟକଣା ମଧ୍ୟରେ ମା' ତାରାତାରିଣୀଙ୍କ ଚୈତ୍ର ପର୍ବ ପାଳନ କରାଯିବ। ମାର୍ଚ୍ଚ ୩୦, ଏପ୍ରିଲ ୬, ୧୩, ୨୦ ଓ ୨୭ ତାରିଖ ଏପରି ମୋଟ ୫ଟି ମଙ୍ଗଳବାର ମା'ଙ୍କ ଚୈତ୍ର ମେଳା ଅନୁଷ୍ଠିତ ହେବ। ଚଳିତବର୍ଷର ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ଥିବାରୁ ଭକ୍ତମାନେ ବିନା ଦ୍ୱିଧାରେ କୋଭିଡ ନିୟମ ଅନୁପାଳନ କରି ଯେପରି ମା'ଙ୍କ ଦର୍ଶନ କରିପାରିବେ ସେଥିସକାଶେ ସମସ୍ତ ବ୍ୟବସ୍ଥା ପ୍ରଶାସନ କରିବ। କେବଳ ଗଞ୍ଜାମ ଜିଲାବାସୀ ଦର୍ଶନ କରିପାରିବେ । ଯେଉଁମାନେ କୋଭିଡ୍‌ର ଦୁଇଟି ଟିକା ନେଇନାହାନ୍ତି ସେମାନେ ସତର୍କତା ଅବଲମ୍ବନ କରି ମେଳାକୁ ଆସିବାକୁ କୁହାଯାଇଛି। ଜିଲା ବାହାରୁ କି ଅନ୍ୟ ରାଜ୍ୟର ବ୍ୟକ୍ତି ମେଳାକୁ ଆସି ସଂକ୍ରମଣ ବୃଦ୍ଧି ନ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

କରାଯାଇଛି। ଭକ୍ତମାନେ କୋଭିଡ ନିୟମ ଅନୁପାଳନ କରି ଠିକ ରୂପେ ମାସ୍କ ପିନ୍ଧି, ସାନିଟାଇଜର ବ୍ୟବହାର କରି ଦର୍ଶନ କରିବାକୁ ଆସନ୍ତୁ ବୋଲି ଜିଲାପାଳ କରିଛନ୍ତି । ମନ୍ଦିରକୁ ଯିବା ପୂର୍ବୁ ଥର୍ମାଲ ସ୍କ୍ରିନିଂ, ଅକ୍ସି ମିଟର ଓ ଆବଶ୍ୟକ ସ୍ଥଳେ ଆଣ୍ଟିଜେନ ପରୀକ୍ଷା କରାଯିବ । ପ୍ରତି ଯାତ୍ରା ପାଳି ପୂର୍ବରୁ ସେବାୟତ ମାନଙ୍କର

■ **ଲକ୍ଷଣ ଥିଲେ ଭକ୍ତଙ୍କ ହେବ ଆଣ୍ଟିଜେନ ଟେଷ୍ଟ**

■ **ଦର୍ଶନ କରିବେ କେବଳ ଗଞ୍ଜାମବାସୀ**

ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ଓ କୋଭିଡ ପରୀକ୍ଷା କରାଯିବ । ମନ୍ଦିର ଉପର ବେଢାରେ ଗହଳି ହେବନି। ଗୁଟ୍‌ଖା ସେବନ ଓ ପାନଛେପକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ମନ୍ଦିର ତଳ ସ୍ଥାନରେ ମାନସିକଧାରୀ ମୁଣ୍ଡନ କରିପାରିବେ । ମୁଣ୍ଡନ କରୁଥିବା ବ୍ୟକ୍ତି ବିଶେଷଙ୍କ ବୟସ ୬୦ରୁ ଉର୍ଦ୍ଧ୍ୱ ହେବ ନାହିଁ ଓ ସେମାନଙ୍କର କୋଭିଡ୍ ପରୀକ୍ଷା କରାଯାଇ ଅନୁମତି ପ୍ରଦାନ କରାଯିବ । କୌଣସି ଖାଦ୍ୟପଦାର୍ଥ ମନ୍ଦିର ଠାରେ ବିକ୍ରି କରାଯିବ ନାହିଁ କିମ୍ବା ଖାଦ୍ୟ ପରିବେଷଣ ହେବ ନାହିଁ । ମନ୍ଦିର ଯିବାକୁ ବ୍ୟବସ୍ଥା ହୋଇଥିବା ବସରେ ଶ୍ରଦ୍ଧାଳୁମାନେ ନିର୍ଦ୍ଧାରିତ ଭଡା ଦେଇ ଘାଟି ରାସ୍ତାରେ ଯାଇପାରିବେ । ଘାଟି ରାସ୍ତା ଦେଇ ଚାଲିକି ଯିବାକୁ ବାରଣ କରାଯାଇଛି । ରୋପ ୱେ ଓ ପାହାଚ ରାସ୍ତା ଦେଇ ଯାତ୍ରୀମାନେ ଉପରକୁ ଚଢିପାରିବେ। ଦୋକାନ ଗୁଡିକରେ ଚଢାଉ କରାଯାଇ ଜିରୋ ପ୍ଲାଷ୍ଟିକ ଯେପରି ହେବ ସେ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ସଂପୃକ୍ତ ଅଧିକାରୀଙ୍କୁ ଜିଲାପାଳ କଡା ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଓ ଅମୀୟ କୁମାର ସାହୁ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ବ୍ରହ୍ମପୁର ଉନ୍ନୟନ ସଚିବ ସମ୍ବିତ ରାଉତ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଠାକୁର ପ୍ରସାଦ ପାତ୍ର, ଡିଏସପି ଅଜୟ କୁମାର ମିଶ୍ର, ମନ୍ଦିର ଟ୍ରଷ୍ଟ ବୋର୍ଡର ସଭ୍ୟ ତଥା ତାରାତାରିଣୀ ଉନ୍ନୟନ ପରିଷଦର ସଂପାଦକ ପ୍ରମୋଦ କୁମାର ପଣ୍ଡା, ପୁରୁଷୋତ୍ତମପୁର ତହସିଲଦାର, ମୁଖ୍ୟପୂଜକ ବାପୁଜୀ ରଣା ଓ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ ସଭ୍ୟମାନେ ଉପସ୍ଥିତ ଥିଲେ ।

## ୨୦୦ ଦଣ୍ଡୁଆରେ ହେବ ଦଣ୍ଡନାଚ

**ଶେରଗଡ଼,୧୨।୩(ଡି.ଏନ.ଏ.)**

ଶେରଗଡ଼ ତହସିଲ କାର୍ଯ୍ୟାଳୟରେ ଶୁକ୍ରବାର ତହସିଲଦାର ଡ.ଦୟାସିନ୍ଧୁ ପରିଡାଙ୍କ ଅଧ୍ୟକ୍ଷତାରେ ୧୪ ଗ୍ରାମର ଦଣ୍ଡଯାତ୍ରା କମିଟିକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ରମେଶ ଚନ୍ଦ୍ର ଦାସ ଓ ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକଙ୍କ ସମେତ ୧୩ ଗ୍ରାମର ଦଣ୍ଡଦଳର ମ୍ୟାନେଜେର, କ୍ୟାସିଆର, ସଭାପତି ଉପସ୍ଥିତ ଥିଲେ। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ୨ ତାରିଖରୁ ଆରମ୍ଭ ହେଉଥିବା ଦଣ୍ଡନାଚ କରୋନା କଟକଣାରେ ହେବ। ଏଥିଲାଗି କେବଳ ୨୦୦ ଜଣ ଦଣ୍ଡୁଆ ଦଳରେ ସାମିଲ ହେବେ। ଏହି ୧୩ ଦିନ ଯାତ୍ରା ସମୟରେ ଦଣ୍ଡୁଆମାନେ କେବଳ ପାରମ୍ପରିକ ଦଣ୍ଡ ନୃତ୍ୟ ପରିବେଶଣ କରିପାରିବେ କିନ୍ତୁ ସାମାଜିକ ନାଟକ ପରିବେଷଣକୁ ଅନୁମତି ଦିଆଯିବ ନାହିଁ। ଏହାକୁ ନ ମାନିଲେ ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ ବୋଲି ତହସିଲଦାର କହିଛନ୍ତି। ବୈଠକରେ କୁଲାଗଡ଼ା, ଆମ୍ବୁଆବାଡି, ଖିରଡ଼ା, ବନ୍ଧାଗୁଡା, ବରମୁଣ୍ଡଳୀ, ଡିଙ୍କିଶାଳ ସମେତ ୧୪ ଗାଁର ଦଣ୍ଡଦଳର ୩ଜଣ ଲେଖାଏ ସଭ୍ୟ ଉପସ୍ଥିତ ଥିଲେ।

# ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ



ଖଲ୍ଲିକୋଟରେ ହିତାଧିକାରୀଙ୍କୁ ପଟା ବଣ୍ଟନ କରୁଛନ୍ତି ତହସିଲଦାର ।

**ଆସିକା/ଖଲ୍ଲିକୋଟ/ ପୋଲସରା,୧୨।୩ (ଡି.ଏନ୍.ଏ)**

ଆସିକା ତହସିଲ ବରଗାଁ ଗ୍ରାମରେ ତହସିଲଦାର ସଦାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମିତିସଭ୍ୟ ଶିବ ନାହାକ, ବରିଷ୍ଠ ବିଭାଗୀୟ ଅଧିକାରୀ ପ୍ରସନ୍ନ କୁମାର ତ୍ରିପାଠୀ, ରାଜସ୍ୱ ପରିଦର୍ଶକ ତ୍ରିଲୋଚନ ନାୟକ, ରାଜସ୍ୱ ନିରୀକ୍ଷକ ଭାଗିରଥି ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୪୩ଜଣଙ୍କୁ ବିଭିନ୍ନ କିସମର ପଟ୍ଟା ବଣ୍ଟନ କରାଯାଇଥିଲା। ସମୁଦାୟ ୮୫ଟି ଅଭିଯୋଗ ଅଧିକାରୀଙ୍କ ନିକଟରେ ଦାଖଲ ହୋଇଛି। ସେହିପରି ଖଲ୍ଲିକୋଟ ଦାନପୁର ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ରାଜ କିଶୋର ପଟ୍ଟନାୟକଙ୍କ ପୌରୋହତ୍ୟ କରିଥିଲେ। ଅତିରିକ୍ତ ତହସିଲଦାର ଜ୍ୟୋତିର୍ମୟ ଦାସ, ରେଭିନ୍ୟୁ ସୁପରଭାଇଜର ତ୍ରିଲୋଚନ ବିଶ୍ୱାଳ, ଦାନପୁର ସରପଞ୍ଚ ମନୋରଞ୍ଜନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ପୋଲସରା ବ୍ଲକ ରୁମାଗଡ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୋଲସରା ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର ଓ ଅତିରିକ୍ତ ତହସିଲଦାର ସୋଭନ କୁମାର ବେହେରା ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରଭାକର ପଣ୍ଡା, ସରପଞ୍ଚ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଖଟୁଆ, ସମିତିସଭ୍ୟ ପ୍ରତିନିଧି ଗୌରଚନ୍ଦ୍ର ବିଷୋୟୀ ଯୋଗଦାନ କରିଥିଲେ। ତହସିଲଦାର ପଞ୍ଚାୟତର ୨୭ ଜଣଙ୍କୁ ପଟା ପ୍ରଦାନ କରିଥିଲେ।

## ଚପଲ ମାଳ ପିନ୍ଧାଇ ୭ ଗିରଫ

**ସୋରଡ଼ା,୧୨।୩(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ସୋରଡ଼ା ବ୍ଲକ ଅଞ୍ଚଳରେ ଜଣେ ଯୁବକଙ୍କ ସହ ମହିଳାଙ୍କ ସମ୍ପର୍କ ଥିବା ସନ୍ଦେହରେ ଉଭୟଙ୍କୁ ଚପଲମାଳ ପିନ୍ଧାଇ ଗ୍ରାମ ପରିକ୍ରମା କରାଯାଇଥିଲା। ଏହାର ଏକ ଭିଡିଓ ଭାଇରାଲ ହେବାପରେ ସୋରଡ଼ା ପୋଲିସ ଶୁକ୍ରବାର ୭ ଜଣଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଗତ ୮ ତାରିଖ ମହିଳା ଦିବସରେ ସୋରଡ଼ା ବ୍ଲକ ଅଞ୍ଚଳରେ ରହୁଥିବା ଯୁବକଙ୍କ ସହ ସେହି ଗାଁର ଜଣେ ବିବାହିତ ମହିଳାଙ୍କ ସମ୍ପର୍କ ଥିବା ଗାଁ ଲୋକ ସନ୍ଦେହ କରିଥିଲେ। ପରେ ଗାଁର କେତେଜଣ ବ୍ୟକ୍ତି ଉକ୍ତ ମହିଳା ଓ ଯୁବକଙ୍କୁ ଚପଲ ମାଳ ପିନ୍ଧାଇ ଗ୍ରାମରେ ବୁଲାଇଥିଲେ। ଏ ନେଇ ସମ୍ପୃକ୍ତ ମହିଳା ଗତ ଗୁରୁବାର ସୋରଡ଼ା ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୬୨/୨୧ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଲୁଟ ଘଟଣାରେ ୪ ଅଭିଯୁକ୍ତ ଗିରଫ

**ଆସିକା,୧୨।୩(ଡି.ଏନ୍.ଏ)**

ଆସିକା-ବ୍ରହ୍ମପୁର ୫୯ ନମ୍ବର ଜାତୀୟ ରାଜପଥର ପିତଳଠାରୁ ଚେରମାରିଆ ମଧ୍ୟରେ ଗତ ସୋମବାର ଜଣେ ବିଦେଶୀ ମଦ ଦୋକାନର କର୍ମଚାରୀଙ୍କଠାରୁ ଦୁର୍ବୃତମାନେ ଏକଲକ୍ଷ ଟଙ୍କା ଲୁଟି ଫେରାର ହୋଇଯାଇଥିଲେ। ଏହି ମାମଲାରେ ଶୁକ୍ରବାର ପୋଲିସ ୪ଜଣଙ୍କୁ କୋର୍ଟ ଚାଲାଣ କରିଛି । ସେମାନେ ହେଲେ ସେହି ମଦ ଦୋକାନର ଜଣେ କର୍ମଚାରୀ ଗାଙ୍ଗପୁର ଥାନା କେଶପୁରଶାସନ ଗ୍ରାମର ଶିବରାମ ସେଠୀ, ପୁରୁଷୋମପୁର ଚିଙ୍ଗୁଡିଘାଇ ଗ୍ରାମର ଗିରିଧାରୀ ମଣ୍ଡଳ, ହିଞ୍ଜିଳିଥାନା ହୁଣ୍ଡତର ସନ୍ତୋଷ କୁମାର ବେହେରା ଏବଂ ସନ୍ତୋଷପୁର ଗ୍ରାମର ବିକାଶ ଜେନା। ସେମାନଙ୍କଠାରୁ ପୋଲିସ ଲୁଟ ହୋଇଥିବା ଏକଲକ୍ଷ ଟଙ୍କା ସହ ଗୋଟିଏ ବାଇକ୍ ଜବତ କରିଛି। ପିତଳ ମଦ ଦୋକାନର ଶିବରାମ ସେଠୀ ଓ ଉଦୟ ଯାଦବ ଦୁଇଜଣ କର୍ମଚାରୀ ସବୁଦିନ ଭଳି ଟଙ୍କା ଧରି ଆସିକାର ଏକ ବ୍ୟାଙ୍କରେ ଜମା କରିବାକୁ ଆସୁଥିବା ବେଳେ ଦୁର୍ବୃତମାନେ ତାଙ୍କୁ ରାସ୍ତାରେ ମାଡମାରି ଟଙ୍କା ଲୁଟିନେଇଥିଲେ। ଏ ନେଇ ମଦ ଦୋକାନର ମ୍ୟାନେଜର ରାକେଶ କୁମାର ସିଂ ଆସିକା ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୧୩୮/୨୧ରେ ଏକ ମାମଲା ରୁଜୁ କରିଥିଲା। ଗତ ଗୁରୁବାର ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିଥିବା ବେଳେ ଟଙ୍କା ଲୋଭରେ ଶିବରାମ ଅନ୍ୟମାନଙ୍କୁ ପ୍ରବର୍ତ୍ତାଇ ଏଭଳି କାଣ୍ଡ ଘଟାଇଥିବା ପୋଲିସ ତଦନ୍ତରୁ ଜଣାପଡିଛି।

# ଉଦ୍ଧାର ପାଇଁ ଯାଇ ପୋଲିସ ଆହତ, ୩ ଗିରଫ

**ଭଞ୍ଜନଗର,୧୨।୩(ଡି.ଏନ.ଏ)**

**ଚୋର ସନ୍ଦେହରେ ବ୍ୟାଙ୍କ କର୍ମଚାରୀଙ୍କୁ ଅଟକାଇଲେ**

ତାରସିଂ ଥାନା ଅଞ୍ଚଳରେ ଚୋରି ବଢ଼ିବାରେ ଲାଗିଛି । ଏଭଳି ସ୍ଥିତିରେ ଗୁରୁବାର ରାତିରେ ଗେରେଡ଼ା ନିକଟ ଏକ ସାହିରେ ଜଣେ ବ୍ୟାଙ୍କ କର୍ମଚାରୀ ଓ ତାଙ୍କ କାର୍ ଡ୍ରାଇଭରଙ୍କୁ ଚୋର ଭାବି କିଛି ଲୋକ ଅଟକ ରଖିଥିଲେ। ପୋଲିସ ପହଞ୍ଚି ଲୋକଙ୍କ ସହ ଆଲୋଚନା କରୁଥିବା ବେଳେ କୌଣସି ଏକ କଥାକୁ ନେଇ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ ଲାଠିଚାଳନା କରିବାରୁ କେତେଜଣ ଯୁବକ ଆହତ ହୋଇଛନ୍ତି। ସେହିପରି ଜଣେ ଏଏସ୍‌ଆଇଙ୍କ ସମେତ ୩ ପୋଲିସ କର୍ମଚାରୀ ମଧ ଆହତ ହୋଇଛନ୍ତି । ପୋଲିସ ସମ୍ପୃକ୍ତ ଅଞ୍ଚଳର ୨୦ ଜଣଙ୍କ ନାମରେ ନଂ.୫୮/୨୧ରେ ମାମଲା ରୁଜୁ କରିଛି। ଶୁକ୍ରବାର ୩ ଜଣଙ୍କୁ ଗିରଫ କରାଯାଇଛି । ଗୁରୁବାର ଅପରାହ୍ନରେ ଆସିକା ଅଞ୍ଚଳର ବ୍ୟାଙ୍କ କର୍ମଚାରୀ ଜଣକ ଗେରେଡ଼ାସ୍ଥ ତାଙ୍କ ବନ୍ଧୁଙ୍କ ଘରକୁ କାର୍‌ରେ ଯାଇଥିଲେ। କାରଚାଳକ ବାହାରେ ଅପେକ୍ଷା ନ କରି ଗାଡ଼ି ଧରି ଗ୍ରାମରେ ଏପଟ ସେପଟ ହେବାରୁ ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା । ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ କାରଚାଳକଙ୍କୁ ଗ୍ରାମର କେତେଜଣ ଅଟକାଇ ପଚରାଉଚରା କରିଥିଲେ। ବ୍ୟାଙ୍କ କର୍ମଚାରୀ ଜଣଙ୍କ ଏହା ଜାଣିବା ପରେ ସେଠାକୁ ଆସି ନିଜ ପରିଚୟ ଦେଇଥିଲେ। ତଥାପି କେତେଜଣ ଲୋକ ଉଭୟଙ୍କୁ ଦୁର୍ବ୍ୟବହାର କରିଥିଲେ। ପୋଲିସ ପହଞ୍ଚିବାରୁ ସମସ୍ୟା ସମାଧାନ ହେବା ବଦଳରେ ବଢ଼ିଯାଇଥିଲା। ବିଳମ୍ବିତ ରାତିରେ ଅଧିକ ଫୋର୍ସ ପହଞ୍ଚିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା ।

# କୃଷି ଯୋଜନା ସଚେତନତା କାର୍ଯ୍ୟକ୍ରମ

**ଦାରିଙ୍ଗବାଡ଼ି,୧୨।୩(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ କୃଷି ବିଭାଗ ପକ୍ଷରୁ ସଚେତନତା ରଥ କୃଷକଙ୍କୁ ସଚେତନ କରୁଥିବା ବେଳେ ପଥପ୍ରାନ୍ତ ନାଟକ ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଉଛି। ୨୫ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ କରାଯିବାକୁ ରହିଥିବା ବେଳେ ମହିଳା ଦିବସଠାରୁ ଏହି ରଥ ଦାରିଙ୍ଗବାଡ଼ିରୁ ବାହାରି ବ୍ଲକର ବିଭିନ୍ନ ସ୍ଥାନରେ ପହଞ୍ଚି ଲୋକଙ୍କୁ ସଚେତନ କରୁଛି। ଶୁକ୍ରବାର ବ୍ଲକ ତିଲୋରୀ ପଞ୍ଚାୟତ ସମେତ ବୁଡାଗୁଡ଼ା ସାପ୍ତାହିକ ହାଟ ଏବଂ ବାଡାବାଙ୍ଗା ହାଟରେ ସଚେତନ କରାଯାଇଛି। କୃଷ୍ଣ ଚନ୍ଦ୍ର ଦିଗାଳଙ୍କ ନିର୍ଦ୍ଦେଶରେ କଳାକାରଙ୍କ ଦ୍ୱାରା ଏହି



ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନ କରାଯାଉଛି।

କାର୍ଯ୍ୟକ୍ରମରେ କିଭଳି ସରକାରଙ୍କ ଯୋଜନାର ଫାଇଦା ନେବା ସହ ଦାଦନ ଖଟିବାକୁ ନ ଯାଇ ନିଜ ଜମିରେ ଚାଷ କରିବା ସହ ଜମିହୀନ ସେମାନଙ୍କ ପାଇଁ ସରକାର କରିଥିବା ଯୋଜନାର ଫାଇଦା ନେବାକୁ ଏହି ନାଟକ ମାଧ୍ୟମରେ କୁହାଯାଉଥିଲା। ମତ୍ସ୍ୟ ଚାଷ ସମେତ କୁକୁଡ଼ା ପାଳନ, ଉଦ୍ୟାନ ଚାଷ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲା କୃଷି ବିଭାଗ ଏବଂ ବ୍ଲକ କୃଷି ବିଭାଗ କାର୍ଯ୍ୟାଳୟ ପକ୍ଷରୁ ତଦାରଖ କରାଯାଇଛି।

# ସମନ୍ୱୟ ଅଭାବରୁ ଜଙ୍ଗଲ ଜଳିଗଲା: ଭିଏସ୍‌ଏସ୍

**ଭଞ୍ଜନଗର,୧୨।୩(ଡି.ଏନ.ଏ)**

ବନ କର୍ମଚାରୀ ଓ ବନ ସୁରକ୍ଷା ସମିତି (ଭିଏସ୍‌ଏସ୍) କର୍ମକର୍ତ୍ତାଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର କେତକ ମୂଲ୍ୟବାନ ଜଙ୍ଗଲ ଗତ ୧୫ ଦିନ ମଧ୍ୟରେ ଜଳିଗଲା। ଜଙ୍ଗଲ ନିଆଁର କାରଣ ଖୋଜିବା ଏବଂ ଆଗାମୀ ଦିନରେ ଯେଭଳି ଜଙ୍ଗଲରେ ନିଆଁ ନ ଲାଗିବ ସେ ନେଇ ସମୀକ୍ଷା ନିମନ୍ତେ ଶୁକ୍ରବାର ଲାଲସିଂ କେନ୍ଦ୍ରୀୟ ନର୍ସରୀ ପରିସରରେ ଆୟୋଜିତ ବୈଠକରେ ଭିଏସ୍‌ଏସ୍ କର୍ମକର୍ତ୍ତାମାନେ ଏହା କହିଛନ୍ତି। ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ସୁରକ୍ଷା କରିବାକୁ ସମସ୍ତେ ଆଗଭର ହେବାକୁ ପଡ଼ିବ ବୋଲି କହିଥିଲେ। ଡିଏଫ୍‌ଓ ଅଭୟ କୁମାର ଦଳେଇ ବୈଠକରେ ଅଧ୍ୟକ୍ଷତା କରି ଜଙ୍ଗଲରେ ନିଆଁ ଲାଗିଲେ ସମ୍ପୃକ୍ତ ଅଞ୍ଚଳବାସୀ ଠିକ୍ ସୂଚନା ଦେଉନ ଥିବା କହିଥିଲେ। ଜଙ୍ଗଲକୁ ଲାଗି ୬୦ଟି ବନ ସୁରକ୍ଷା ସମିତି



ବୈଠକରେ ଉପସ୍ଥିତ ଭିଏସ୍‌ଏସ୍ କର୍ମକର୍ତା ।

**ସହଯୋଗ ମିଳିଲେ ପୁରସ୍କାର ଦେବୁ: ଡିଏଫ୍‌ଓ**

ଅଛି। ଜଙ୍ଗଲରେ ଆଗକୁ ଯଦି ନିଆଁ ନ ଲାଗିବ ତେବେ ସମ୍ପୃକ୍ତ ଭିଏସ୍‌ଏସ୍‌କୁ ପୁରସ୍କାର ଦିଆଯିବ। ଏଥିସହ ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ଦେଲେ ବିଭାଗ ପ୍ରୋତ୍ସାହନ ରାଶି ଦେବ। ଲୋକେ ସଚେତନ ହୋଇ ସହଯୋଗ କରିବାକୁ ଡିଏଫ୍‌ଓ ଆହ୍ୱାନ ଦେଇଥିଲେ। ବଣିଆପଲ୍ଲୀ ଭିଏସ୍‌ଏସ୍ କର୍ମକର୍ତ୍ତା ଲୋକନାଥ ଆଚାର୍ଯ୍ୟ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ କହିଥିଲେ। ଭିଏସ୍‌ଏସ୍ କର୍ମକର୍ତ୍ତାଙ୍କ ପ୍ରତି ବନ କର୍ମଚାରୀଙ୍କ ସହଯୋଗ ରହିଲେ ଜଙ୍ଗଲ ସୁରକ୍ଷିତ ରହିପାରିବ ବୋଲି କଣ୍ଟେଇପଲ୍ଲୀ ଭିଏସ୍‌ଏସ୍ କର୍ମକର୍ତ୍ତା ଶରତ ସ୍ୱାଇଁ କହିଥିଲେ। ଅନ୍ୟପକ୍ଷରେ ସବୁବେଳେ ଟଙ୍କା ପାଇବା ମନୋବୃତ୍ତି ରଖିବା ଠିକ୍ ନୁହେଁ ବୋଲି ଯୋଗୀମାରି ଭିଏସ୍‌ଏସ୍ ସଭାପତି ଖଲି ପ୍ରଧାନ କହିଥିଲେ। ବୈଠକରେ କେଏସ୍‌ୟୁବି କଲେଜ ଅଧ୍ୟକ୍ଷ ଡ଼.ସୁବାସ ଚନ୍ଦ୍ର ପ୍ରଧାନ, ସାବିତ୍ରୀ ମହିଳା କଲେଜ ଅଧ୍ୟକ୍ଷା କେ.ଭବାନୀ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସ୍ୱାଗତିକା ସାହୁ, ଫାୟାର ଅଫିସର ଜିତେନ୍ଦ୍ର କୁମାର ବିଶ୍ୱାଳ, ପ୍ରଦୀପ କୁମାର ସାହୁ, ସ୍ୱାତୀ ସମ୍ପାଦକ ହରିଶଙ୍କର ରାଉତ, ସାମାଜିକ କର୍ମୀ ଶୁଳପାଣି ଶତପଥୀ, ରେଞ୍ଜର ଉମାକାନ୍ତ ଦାସ, ଆଶାଲତା ଦିଗାଲ ପ୍ରମୁଖ ଯୋଗଦେଇଥିଲେ । ଏସିଏଫ୍ ସୁଦର୍ଶନ ବାଦୀ ସଭା ସଂଯୋଜନା କରିଥିଲେ ।

# ୭୧୫୨ ନେଲେଣି ଦ୍ୱିତୀୟ ଡୋଜ୍ ଟିକା

**ଫୁଲବାଣୀ ଅଫିସ, ୧୨।୩**

କନ୍ଧମାଳ ଜିଲାରେ ଜାନୁୟାରୀ ୧୬ ତାରିଖରୁ ଆରମ୍ଭ ହୋଇଛି କରୋନା ଟିକାକରଣ। ପର୍ଯ୍ୟାୟକ୍ରମେ ହେଉଥିବା ଏହି ଟିକାକରଣ କାର୍ଯ୍ୟକ୍ରମରେ ଶୁକ୍ରବାର ସୁଦ୍ଧା ଦ୍ୱିତୀୟ ଡୋଜ୍ ଟିକା ମୋଟ ୭୧୫୨ ଜଣ ନେଇଛନ୍ତି। ସେମାନଙ୍କ ମଧ୍ୟରେ ୫୯୨୭ ଜଣ ସ୍ୱାସ୍ଥ୍ୟକର୍ମୀ, ୧୨୨୫ ଜଣ ଆଗଧାଡିର କର୍ମଚାରୀ ଅଛନ୍ତି। ଜିଲାପାଳ ଡା.ବୃନ୍ଦା ଡି ଏଥିରେ ମଧ ସାମିଲ ହୋଇଛନ୍ତି। ଜିଲାରେ ଏବେ ସୁଦ୍ଧା ୧୫,୭୪୭ ଜଣ ପ୍ରଥମ ଡୋଜ୍ ଟିକା ନେଇ ସାରିଛନ୍ତି। କେବଳ ୪୦୦୮ ଜଣ ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଅଛନ୍ତି। ଖୁବ୍‌ଶୀଘ୍ର ଦ୍ୱିତୀୟ ଡୋଜ୍ ଟିକାକରଣ କାର୍ଯ୍ୟ ଶେଷ ହେବ ବୋଲି ମେଡିକାଲ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।




ଜିଲାପାଳ ଟିକା ନେଉଛନ୍ତି।

